To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

# ସକାଳ

THE SAKALA

ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

ରମଜାନ ସରିଲା, ଶୀଘ୍ର ଆତଙ୍କିଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ : ରାଜନାଥ ସିଂହ



R.N.I. No.-42041/83 Vol-15, Issue No.342, ଭଦ୍ରକ, ସୋମବାର, ୧୮, ଜୁନ୍ ୨୦୧୮ ■ Bhadrak, Monday, 18 June 2018 Rs. 2.00 Pages-8

# ରାଜ୍ୟରୁ ମୌସୁମୀ ଉଭାନ୍

- ପ୍ରଚଣ୍ଡ ତାତିରେ ଜନଜୀବନ ଅସ୍ତବ୍ୟସ୍ତ
- ୫ ଦିନ ପର୍ଯ୍ୟନ୍ତ ହିଟ୍‌ୱେଭ୍ ଜାରୀ
- ଚାଷୀ ମୁଣ୍ଡରେ ଚଡକ
- ଦିନ ୧୦ଟା ପରେ ତାପମାତ୍ରା ବଢୁଛି



ଭୁବନେଶ୍ୱର,୧୭।୬(ସକାଳଖବର): ଦେଖାଯାଉନି ମୌସୁମୀ । ଗତକାଲି ପରି ଆଜି ମଧ୍ୟ ସାରା ରାଜ୍ୟରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରକୋପ ଅନୁଭୁତ ହୋଇଛି । ଏପରିକି ରଜ ସରିଯାଇଥିବା ସତ୍ତ୍ୱେ କେଉଁଠି ସାମାନ୍ୟ ବର୍ଷା ମଧ୍ୟ ହେବା ନଜର ଆସୁନାହିଁ ।

ଆଜି ରାଜ୍ୟର ୬ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ୪୨.୩ ଡିଗ୍ରୀ ସହ ଭୁବନେଶ୍ୱର ସର୍ବାଧିକ ଉତ୍ତପ୍ତ ସହର ପାଲଟିଛି । ସେହିପରି ଅନୁଗୁଳର ତାପମାତ୍ରା ୪୧.୩, ବାରିପଦା ୪୦.୪, ଭବାନୀପାଟଣାର ତାପମାତ୍ରା ୪୦.୨ ଡିଗ୍ରୀ ସେଲସିୟସ୍ ରହିଛି । ଅନ୍ୟପକ୍ଷରେ ଚାନ୍ଦବାଲିର ତାପମାତ୍ରା ୪୦ ଏବଂ କଟକର ତାପମାତ୍ରା ୪୦.୨ ଡିଗ୍ରୀ ସେଲସିୟସ ରହିଥିବା ସୂଚନା ଦେଇଛି ଆଂଚଳିକ ପାଣିପାଗ ବିଭାଗ । ଚାଷୀ ଆକାଶକୁ ଅନାଇ ବର୍ଷା ଖୋଜୁଛି । କେତେବେଳେ ବର୍ଷା ଆସିବ ନିଜ ଜମିରେ ବିହନ ବୁଣିବ । କିନ୍ତୁ ଆକାଶରେ ବର୍ଷା ନାହିଁ । ଏପରିକି ବାଦଲର ଚିହ୍ନବର୍ଣ୍ଣ ମଧ୍ୟ ନାହିଁ । ଅନ୍ୟପଟରେ ପାଣିପାଗ ବିଶେଷଜ୍ଞମାନେ କହୁଥିଲେ ଏବର୍ଷ ଭଲ ବର୍ଷା ହେବ । ଚାଷୀ ଭାଇ ଭଲ ଅମଳ କରିପାରିବେ । କିନ୍ତୁ ଗତ କିଛିଦିନ ହେବ ରାଜ୍ୟରେ ହିଟ୍‌ୱେଭ୍ ଜାରୀ ରହିଛି । ତାତିରୁ ନିସ୍ତାର ନାହିଁ । ଅନ୍ୟପକ୍ଷରେ ଗତବର୍ଷ ମରୁଡିରେ ରାଜ୍ୟର ୨୨ଟି ଜିଲ୍ଲା ପ୍ରଭାବିତ ହୋଇ ଚାଷୀ ହତାଶ ହୋଇପଡିଥିଲା । ଏଥର ପାଣିପାଗ ବିଶେଷଜ୍ଞଙ୍କ ମତ ଅନୁସାରେ ମୌସୁମୀ ଆଗୁଆ ଆସିବ । ଭଲ ବର୍ଷିବ ବୋଲି କହିଥିଲା । ଚାଷୀ ପୁଣି ଅଣ୍ଟା ସଳଖି ଠିଆ ହେବାକୁ ସ୍ୱପ୍ନ ଦେଖୁଥିଲା । ମାତ୍ର କେତେକ ସ୍ଥାନରେ କାଳବୈଶାଖୀଜନିତ ବର୍ଷା ପବନ ହେବାରୁ କ୍ଷୟକ୍ଷତି ଜଣାପଡିଛି । ଜଟଣୀରେ କାଳବୈଶାଖୀ ଯୋଗୁଁ ରାସ୍ତାଘାଟରେ ଗଛପଡି ଜନଜୀବନ ଅସ୍ତବ୍ୟସ୍ତ ହେବା ସହ ବିଦ୍ୟୁତ୍ ସଂଯୋଗରୁ ବାଦ୍ ପଡିଛନ୍ତି । ପାଣିପାଗ ବିଶେଷଜ୍ଞଙ୍କ ମତ ଅନୁସାରେ ଓଡିଶାରେ ପାରଦ ହଠାତ୍ ବଢ଼ିଯାଇଥିବାରୁ ତାତି ଅସହ୍ୟ ଅନୁଭୂତ ହେଉଛି । ଏପରିକି ଆଜି ଭୁବନେଶ୍ୱରର ତାପମାତ୍ରା ୪୨.୩ ଡିଗ୍ରୀ ରହିବା ସହ ସର୍ବୋଚସ୍ତରରେ ରହିଛି । ଆହୁରି କେତେଦିନ ଏହି ହିଟ୍‌ୱେଭ୍ ଜାରୀ ରହିବ ବୋଲି ପାଣିପାଗ ବିଶେଷଜ୍ଞମାନେ ମତ ଦେଉଛନ୍ତି । ଏପରି ହେଲେ ଚାଷୀକୂଳ ହତାଶ ହୋଇଯିବେ । ବିଲ ହଳକରି ଚାଷୀ ଧାନ ବୁଣିବାକୁ ଆପେକ୍ଷା କରିଛି । ମାତ୍ର ବର୍ଷା ନଥିବାରୁ ଧାନ ବୁଣିପାରୁନାହିଁ । ଅନିଶ୍ଚିତ ମୌସୁମୀ ପାଇଁ ପୁଣି ଚାଷୀକୁ ମରୁଡି ଭୟ ଘାରିଲାଣି । ଶୀଘ୍ର ବର୍ଷା ନ ହେଲେ ଚାଷୀକୂଳ ହତାଶ ହୋଇଯିବେ । ଏଭଳି ପାଗ ଏବେ ଚାଷୀର ଚିନ୍ତାର ବଢ଼ାଇ ଦେଇଛି । ମୌସୁମୀ ବର୍ଷା ନ ଥିବାରୁ ଚାଷ କାର୍ଯ୍ୟ ବିଳମ୍ବ ହେଉଛି । ଏପରିକି ଚାଷୀଙ୍କୁ ଚାଷ କାର୍ଯ୍ୟ ଆରମ୍ଭ କରିବା ପାଇଁ ଆହୁରି ଦୁଇ ସପ୍ତାହ ଅପେକ୍ଷା କରିବାକୁ ପଡିପାରେ ବୋଲି ଅନୁମାନ କରାଯାଉଛି ।

## ଚିଲିକା ଡ଼ଙ୍ଗା ବୁଡ଼ି ଘଟଣା

# ୬ ମୃତଦେହ ଉଦ୍ଧାର

ଖୋର୍ଦ୍ଧା,୧୭।୬(ସକାଳଖବର): ଚିଲିକାରେ ଘଟିଥିବା ଡଙ୍ଗାବୁଡ଼ି ଘଟଣାରେ ଡଙ୍ଗା ଚାଳକଙ୍କ ମାଲିକ ବସନ୍ତ ବେହେରାଙ୍କୁ ପୁଲିସ ଗିରଫ କରିଛି । ଅନ୍ୟପକ୍ଷରେ ଏହି ଡଙ୍ଗାବୁଡ଼ିରେ ମୃତ୍ୟୁବରଣ କରିଥିବା ୬ ଜଣ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଁଏ ଅନୁକମ୍ପା ମୂଳକ ସାହାଯ୍ୟ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଘୋଷଣା କରିଛନ୍ତି । ଚିଲିକାରେ ଡ଼ଙ୍ଗା ବୁଡ଼ି ନିଖୋଜ ଥିବା ୬ ଜଣଙ୍କ ମଧ୍ୟରୁ ଗତକାଲି ଦୁଇ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଥିବା ବେଳେ ଆଜି ଅନ୍ୟ ୪ ଜଣଙ୍କର ମୃତଦେହ ଉଦ୍ଧାର କରାଯାଇଛି । ସେମାନଙ୍କ ମଧ୍ୟରେ ଅଛନ୍ତି ଦୁଇ ବାଳିକା, ଜଣେ ଯୁବତୀ ଏବଂ ଅନ୍ୟ ଜଣେ ଶିଶୁ ପୁତ୍ର ।

ସୂଚନା ଅନୁଯାୟୀ, ଗତକାଲି ସଂଧ୍ୟାରେ ଏକ ଡ଼ଙ୍ଗା ୧୫ ଜଣ ଯାତ୍ରୀଙ୍କୁ ନେଇ କାଳିଜାଇରୁ ବାଲୁଗାଁ ଅଭିମୁଖେ



- ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍‌ପାଣ୍ଠିରୁ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା
- ବୋଟ୍‌ରେ ନଥିଲା ଲାଇଫ୍ ଜ୍ୟାକେଟ୍
- ବୋଟ୍ ଚାଳକଙ୍କ ମାଲିକ ଗରିଫ

ଫେରୁଥିବା ସମୟରେ ହଠାତ୍ କାଳବୈଶାଖୀଜନିତ ପବନରେ ଡ଼ଙ୍ଗାଟି ଭାରସାମ୍ୟ ହରାଇ ଚିଲିକା ମଝିରେ ପାଣିରେ ବୁଡ଼ି ଯାଇଥିଲା । ଉଦ୍ଧାରକାରୀ ଟିମ୍ ଘଟଣାସ୍ଥଳରୁ ୯ ଜଣଙ୍କୁ ଉଦ୍ଧାର କରିବା ସହ ଶ୍ରଦ୍ଧାଞ୍ଜଳି ଦାସ (୮) ଓ ତାଙ୍କ ମାଆ ପ୍ରମୋଦିନୀ ଦାସ (୨୮)ଙ୍କ (ପୃଷ୍ଠା-୭)

## କୁନ୍ଦୁଲି ଗଣଦୁଷ୍କର୍ମ ଓ ଆତ୍ମହତ୍ୟା ମାମଲା

# ୨୪ ରେ ଚତୁର୍ଥ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ

ଜୟପୁର, ୧୭।୬(ସକାଳଖବର): କୋରାପୁଟ ଜିଲାର ବହୁ ଚର୍ଚ୍ଚିତ କୁନ୍ଦୁଲି ଗଣଦୁଷ୍କର୍ମ ଓ ଆତ୍ମହତ୍ୟା ମାମଲାର ତଦନ୍ତ କମିଶନଙ୍କ ଠାରେ ଆଜି ତୃତିୟ ପର୍ଯ୍ୟାୟ ସାକ୍ଷ୍ୟ ଗ୍ରହଣ ଶେଷ ହୋଇଛି । କମିଶନଙ୍କ ତରଫରୁ ୫ ଜଣଙ୍କୁ ନୋଟିସ୍ ଜାରି କରାଯାଇଥିବା ବେଳେ ଆଜି ୩ ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା । ବୈଷିୟିକ ତୃଟି ଯୋଗୁଁ ଅନ୍ୟ ୨ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇ ପାରିନାହିଁ । ଏନେଇ ଆସନ୍ତା ୨୪ ତାରିଖରେ ୨ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯିବ ।

ଆଜି ଜୟପୁର ଜିଲା କୋର୍ଟ ପରିସରରେ ବିଚାର ବିଭାଗୀୟ କମିଶନ ବିଦ୍ୟୁତ କୁମାର ମିଶ୍ରଙ୍କ ନିକଟରେ ଡାକ୍ତର ସଧିପା ଦାସ, ଡାକ୍ତର ଆକାଂକ୍ଷା ତ୍ରିପାଠି, ଶିଶୁ ସୁରକ୍ଷା ଅଧିକାରି ରାଜଶ୍ରୀ ଦାସ ସାକ୍ଷ୍ୟ ଦେଇଛନ୍ତି । ଆସନ୍ତା ୨୪ ତାରିଖରେ ଲାଇଫ ଲାଇନର ସଂଯୁକ୍ତା ନାଇଡୁ ଓ ଡାକ୍ତର ପ୍ରିନ୍ସ ପରିଡା ସାକ୍ଷ୍ୟ ଦେବେ । ଆସନ୍ତା ୨୫ ତାରିଖରେ କମିଶନଙ୍କ ଅବଧି ଶେଷ ହେଉଥିବାରୁ ଏବଂ ତଦନ୍ତ ପ୍ରକ୍ରିୟା ଶେଷ ହୋଇନଥିବାରୁ ପୁଣି ଅବଧି ବଢାଇବାକୁ ସରକାରଙ୍କୁ ଜଣାଇ ଦିଆଯାଇଛି । ଅଦ୍ୟାବଧି ୩ଟି ପର୍ଯ୍ୟାୟରେ ମୋଟ୍ ୭ ଜଣ ସାକ୍ଷ୍ୟ ପ୍ରଦାନ କରିଛନ୍ତି । କିନ୍ତୁ ପୀଡ଼ିତାଙ୍କ ପରିବାର ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ତରଫରୁ କମିଶନଙ୍କୁ କୌଣସି ସହଯୋଗ ମିଳୁ ନଥିବା ସ୍ୱତନ୍ତ୍ର ସରକାରି ଓକିଲ ପ୍ରଭାକର ପଟ୍ଟନାୟକ ସୂଚନା ଦେଇଛନ୍ତି । ପୀଡ଼ିତାଙ୍କ ପରିବାର ଲୋକଙ୍କୁ ଯେପରି ହେଲେ ହାଜର କରିବା ପାଇଁ କମିଶନଙ୍କ ତରଫରୁ ଚେଷ୍ଟା କରାଯାଉଛି ।

ପ୍ରକାଶ ଥାଉ କି, କୋରାପୁଟ ଜିଲା ପଟାଙ୍ଗି ଥାନା ଅନ୍ତର୍ଗତ କୁନ୍ଦୁଲି ଅଂଚଳର ଜଣେ ନବମ ଶ୍ରେଣୀ ଛାତ୍ରୀଙ୍କୁ ୨୦୧୭ ଅକ୍ଟୋବର ୧୦ ତାରିଖରେ ଗଣଦୁଷ୍କର୍ମ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ୪ ଜଣ ଯବାନ ସମ୍ପୃକ୍ତ ନାବାଳିକାକୁ ଗଣଦୁଷ୍କର୍ମ କରିଥିବା ନାବାଳିକା ଅଭିଯୋଗ କରିଥିଲେ । ଏହି ମାମଲାର ଗୁରୁତ୍ୱକୁ ଉପଲବ୍ଧି କରି ରାଜ୍ୟ ସରକାର ବିଚାର ବିଭାଗୀୟ କମିଶନ ବସାଇଥିଲେ । କୋରାପୁଟ ଜିଲା ଦୌରାଜଜ୍ ଙ୍କୁ ମାମଲାର କମିଶନ ଭାବେ ଦାୟିତ୍ୱ ଦିଆଯାଇଥିଲା । କମିଶନ ସତ୍ୟପାଠ ଦାଖଲ କରିବା ପାଇଁ ନୋଟିସ ମଧ୍ୟ ସର୍ବସାଧାରଣ ସ୍ଥାନରେ ଟଙ୍ଗା ଯାଇଥିଲା । କମିଶନଙ୍କ ପକ୍ଷରୁ ଏଥିନେଇ (ପୃଷ୍ଠା-୭)

# ଶୃଙ୍ଖଳିତ ବ୍ୟବସ୍ଥା, ସେବାୟତ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱ

ପୁରୀ, ୧୭।୬(ସକାଳଖବର): ଶ୍ରୀମନ୍ଦିରରେ ଶୃଙ୍ଖଳିତ ବ୍ୟବସ୍ଥା, ସେବାୟତ ଓ ପ୍ରଶାସନ ମଧ୍ୟରେ ସମନ୍ୱୟ ସ୍ଥାପନ କରିବା ନେଇ ଆଜି ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି

**ଛତିଶା ନିଯୋଗ ବୈଠକରେ ନିଷ୍ପତ୍ତି**

ହୋଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଲୋଚନା ହୋଇଥିଲା ଯେ, ଶ୍ରୀମନ୍ଦିର ସ୍ୱତ୍ତ୍ୱଲିପି ଅନୁଯାୟୀ ଦଇତାପତିମାନଙ୍କୁ ପାଉଣା ଦିଆଯିବ । ବୈଠକ ପରେ ମୁଖ୍ୟ ପ୍ରଶାସକ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି, ସ୍ନାନ ପୂର୍ଣ୍ଣିମୀ ଠାରୁ ନୀଳାଦ୍ରୀ ବିଜେ ଯାଏଁ ନୀତିର୍ନିଘଣ୍ଟ ପ୍ରସ୍ତୁତ ହୋଇଛି । ଆଗାମୀ ଜୁଲାଇ ୨୭ରେ



ଚନ୍ଦ୍ର ଗ୍ରହଣ ଯୋଗୁଁ ଅଲଗା ନୀତିର୍ନିଘଣ୍ଟ ହେବ ବୋଲି ସେ କହିଛନ୍ତି । ବୈଠକରେ ବିଭିନ୍ନ ନିଯୋଗର ସେବାୟତମାନେ ଉପସ୍ଥିତ ଥିଲେ । ସେହିପରି ପୁରୀ ଜିଲ୍ଲାପାଳ ଅରବିନ୍ଦ ଅଗ୍ରୱାଲ, ଏସ୍‌ପି ଡ. ସାର୍ଥକ ଷଡଙ୍ଗୀ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ । ଆସନ୍ତା ୨୮ ତାରିଖରେ ସ୍ନାନପୂର୍ଣ୍ଣିମା । ଆଉ ସ୍ନାନପୂର୍ଣ୍ଣିମାଠାରୁ ଆରମ୍ଭ କରି ନୀଳାଦ୍ରୀବିଜେ ଯାଏଁ ଦଇତାପତି ସେବାୟତ ପ୍ରମୁଖ ଭୂମିକା ଗ୍ରହଣ କରିବେ । ଗୋଟିଏ ପଟେ ରତ୍ନଭଣ୍ଡାର ଚାବିକୁ ନେଇ ବିବାଦ ଲାଗି ରହିଥିବା ବେଳେ ଅନ୍ୟପଟେ ଦାନ ନ ନେବା ପ୍ରସଙ୍ଗରେ ତାତିଛନ୍ତି ଦଇତାପତି ସେବାୟତ । ଏଭଳି ସ୍ଥଳେ ଆଗକୁ ଆସୁଛି ରଥଯାତ୍ରା । ତେଣୁ ରଥଯାତ୍ରା ଭଳି ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଏବେ ପ୍ରଦୀପ୍ତଙ୍କ କାନ୍ଧରେ ରହିଛି । ଏସବୁ ଭିତରେ ସ୍ନାନ ପୂର୍ଣ୍ଣିମାକୁ କିଭଳି ସୁରୁଖୁରରେ ଶେଷ କରାଯିବ ସେନେଇ ଆଜିର ବୈଠକରେ ଆଲୋଚନା ହୋଇଛି ।

## ୨ଟି ସଡକ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ

ବୌଦ୍ଧ,୧୭।୬(ସକାଳଖବର): ବୌଦ୍ଧ ଜିଲାରେ ଆଜି ୨ଟି ପୃଥକ ପୃଥକ ସଡକ ଦୁର୍ଘଟଣାରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତରଭାବେ ଆହାତ ହୋଇଛନ୍ତି । ଖୋର୍ଦ୍ଧା ବଲାଙ୍ଗୀର ଜାତୀୟ ରାଜପଥର ସିଙ୍ଗାରୀ ଛକ ନିକଟରେ କୌଣସି ଏକ ଅଜଣା ବସ ଧକ୍କାରେ ନେତ୍ରାନନ୍ଦ ସାହୁ (୭୦)ଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକମାନେ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ବୌଦ୍ଧ ମୁଖ୍ୟ ଚିକ୍ତ୍ସାଳୟକୁ ପହଂଚାଇଥିଲେ। କିନ୍ତୁ ତାଙ୍କର ମୃତ୍ୟୁ ହୋଇସାରିଥିବା ଡାକ୍ତର ପ୍ରକାଶ କରିଥିଲେ। ସେ ଯୁବ ବିଜେଡିର ବଲାଙ୍ଗୀର ଜୋନାଲ ସଭାପତି ତଥା ଆଇନଜିବୀ ଅଶୋକ କୁମାର ସାହୁଙ୍କ ପିତା । ଅନ୍ୟ ଏକ ସଡକ ଦୁର୍ଘଟଣାରେ ବୌଦ୍ଧ ଜିଲା ହରଭଙ୍ଗା (ପୃଷ୍ଠା-୭)

## ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କର ଶୀତଳ ଷଷ୍ଠୀ ଉତ୍ସବର ନୀତିକାନ୍ତି ଆରମ୍ଭ

ଭୁବନେଶ୍ୱର,୧୭।୬(ସକାଳଖବର): ସମସ୍ୟାର ସମାଧାନ ହେବା ପରେ ଶ୍ରୀ ଶ୍ରୀ ଲିଙ୍ଗରାଜ ମହାପ୍ରଭୁଙ୍କର ଶୀତଳ ଷଷ୍ଠୀ ଉତ୍ସବର ନୀତିକାନ୍ତି ଆରମ୍ଭ ହୋଇଛି ଏବଂ ସ୍ୱାଭାବିକ ଅବସ୍ଥା ରହିଛି । ଗତକାଲିଠାରୁ ସମ୍ପୃକ୍ତ ସେବାୟତମାନେ ନିଜର ସମସ୍ୟାର ସମାଧାନ ନେଇ (ପୃଷ୍ଠା-୭)



ଆସନ୍ତା ନଭେମ୍ବରଠାରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱ ହକି କପ୍ ଆରମ୍ଭ ହେବ । ଷ୍ଟାଡିୟମ ଭିତିଭୂମି ପ୍ରସ୍ତୁତି କିପରି ଚାଲିଛି ତାକୁ ପରଖିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଉକ୍ତ ଷ୍ଟାଡିୟମକୁ ଯାଇଥିଲେ । ଭିତିଭୂମି ପ୍ରସ୍ତୁତି ଦାୟିତ୍ୱରେ ଥିବା ଅଧିକାରୀ ମାନଙ୍କ ସହିତ ଆଲୋଚନା କରିଥିଲେ ।

## ଏଟିଏମ ଭାଙ୍ଗି ଲୁଟ୍ ଉଦ୍ୟମ : ଯୁବକ ଗିରଫ

ବାଲେଶ୍ୱର, ୧୭।୬(ସକାଳଖବର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଷ୍ଟେସନ ପରିସରରେ ଥିବା ଏସ.ବି.ଆଇ ଏଟିଏମରୁ ଗତକାଲି ବିଳମ୍ବିତ ରାତିରେ ଲୁଟ୍ ଉଦ୍ୟମ ହୋଇଛି । ସୁବୋଧ ରାୟ ନାମକ ଜଣେ ଯୁବକ ଏଟିଏମ ଲୁଟ କରୁଥିବା ବେଳେ ଜଳେଶ୍ୱର ଆରପିଏଫ ହାତରେ ଧରାପଡ଼ିଛି । ଅଭିଯୁକ୍ତ ସୁବୋଧର ଘର ପଶ୍ଚିମବଙ୍ଗର ଦକ୍ଷିଣ ଜିନାତପୁର ଜିଲ୍ଲାର କୁମୁରଶଳ ଗ୍ରାମର ବୋଲି ଜଣାପଡ଼ିଛି । ସେ ପ୍ରଥମେ ଏଟିଏମ ଭିତରେ ଥିବା ସିସିଟିଭି ଭାଙ୍ଗି ପରେ ଏଟିଏମ ମେସିନ ଭାଙ୍ଗିବାର ଯୋଜନା କରିଥିଲା। ଠିକ୍ ସେହି ସମୟରେ ଆରପିଏଫ ପହଂଚିଯିବାରୁ ଯୋଜନା ବିଫଳ ହୋଇଥିଲା । (ପୃଷ୍ଠା-୭)

## ସର୍ବଭାରତୀୟ ଟେନିସ ବଲ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଓଡିଶାରୁ ଖେଳିବେ ଚାରି ଝିଅ

ଫୁଲବାଣୀ,୧୭।୬(ସକାଳଖବର): ହିମାଚଳ ପ୍ରଦେଶ ସୁନ୍ଦରନଗର ଠାରେ ଆସନ୍ତା ୨୧ ତାରିଖଠାରୁ ସର୍ବଭାରତୀୟ ଟେନିସ୍ ବଲ୍ କ୍ରିକେଟ ଚମ୍ପିଆନସିପ୍ ଅନୁଷ୍ଠିତ ହେବାକୁ ଯାଉଛି । ଏଥିରେ ଭାଗ ନେବା ପାଇଁ ଓଡିଶା ଟେନିସ୍ ବଲ କ୍ରିକେଟ ସଂଘ ପକ୍ଷରୁ ବାଳକ ଓ ବାଳିକା ମିଶି ୨୮ ଜଣ ଖେଳାଳୀଙ୍କୁ ଚୟନ କରାଯାଇଛି । ଓଡିଶାର ବାଳିକା ଖେଳାଳି ମାନଙ୍କ ମଧ୍ୟରେ କନ୍ଧମାଳ ଜିଲ୍ଲା ବାଲିଗୁଡାର ଚାରି ଜଣ ଝିଅ ଖେଳାଳି ସର୍ବ ଭାରତୀୟ ଚମ୍ପିଆନସିପ ଖେଳିବା ପାଇଁ ଚୟନ ହୋଇଛନ୍ତି । ୨୮ ଜଣ ବାଳକ ବାଳିକା ତାଲିକାରେ ଏମାନଙ୍କ ନାମ ରହିଅଛି । ବାଲିଗୁଡାର ଏହି ଚାରି ଜଣ ବାଳିକା ଖେଳାଳି ମାନେ ହେଲେ ବିକି ନାୟକ, ପ୍ରୀତିଲତା ନାୟକ, ମଧୁସ୍ମିତା ରାଉତ ଓ ତନୁଜା ପାତ୍ର । ବାଲିଗୁଡାର ଉପଖଣ୍ଡ କ୍ରୀଡା ସଂଘ ଦ୍ୱାରା କିଛି ଦିନ ତଳେ ଆୟୋଜିତ ଫ୍ଲଡ ଲାଇଟ ଟେନିସ ବଲ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏହି ଚାରି ଖେଳାଳି ଭାଗ ନେଇ ବାଲିଗୁଡାକୁ ଚମ୍ପିୟାନ କରାଇଥିଲେ । ତାପରେ ଏହି ଲୁକାୟିତ ପ୍ରତିଭା ମାନେ ଲୋକ ଲୋଚନକୁ ଆସିଥିଲେ । ଗତକାଲି ଏହି ଚାରି ଜଣ ବାଳିକା ଖେଳାଳି ବାଲିଗୁଡାରୁ ଭୁବନେଶ୍ୱର ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି । ଓଡିଶା ଦଳ ସହ ମିଶି ସର୍ବଭାରତୀୟ ପ୍ରତିଯୋଗୀତା ପାଇଁ ହିମାଚଳ ପ୍ରଦେଶ ଆସନ୍ତା ୧୯ ତାରିଖରେ ଯାତ୍ରା କରିବେ ଏହି ଖେଳାଳି ମାନେ । ବାଲିଗୁଡାର କୋଚ୍ ରଂଜନ ନାୟକ ଓ ବାଲିଗୁଡା ପଂଚାୟତ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଗଙ୍ଗାଧର ପଣ୍ଡା ଓଡିଶା ଦଳ ସହ ଯିବାର କାର୍ଯ୍ୟକ୍ରମ ରହିଅଛି । ବାଲିଗୁଡାର ଉପଖଣ୍ଡ କ୍ରୀଡ଼ା ସଂଘ ତରଫରୁ ଏହି ଚାରିଜଣ ଖେଳାଳିଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଜ୍ଞାପନ କରାଯାଇଛି ।



ଭଲ ପାଇବା ଓ ଭକ୍ତି ସହିତ ଦାନ କରନ୍ତୁ



ହୁଣ୍ଡିର ଆୟ (୧୭.୬.୧୮)
୩,୦୨,୨୦୯

## ନୀତି ଆୟୋଗ ପରିଚାଳନା ପରିଷଦର ବୈଠକ

# ଅର୍ଥନୈତିକ ଅଭିବୃଦ୍ଧି ଦୁଇଅଙ୍କରେ ପହଞ୍ଚାଇବା ଲକ୍ଷ୍ୟ : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୭।୬(ସକାଳଖବର): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀ ରାଷ୍ଟ୍ରପତି ଭବନରେ ସାଂସ୍କୃତିକ କେନ୍ଦ୍ରଠାରେ ଆୟୋଜିତ ନୀତି ଆୟୋଗ ଗଭର୍ଣ୍ଣିଂ ପରିଷଦର ଚତୁର୍ଥ ବୈଠକରେ ସମ୍ବୋଧନ କରିଛନ୍ତି। ମୁଖ୍ୟମନ୍ତ୍ରୀମାନଙ୍କ ଗଠନମୂଳକ ଆଲୋଚନା ଏବଂ ପରାମର୍ଶକୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିଥିଲେ ଏବଂ ଉପସ୍ଥିତ ପ୍ରତିନିଧିମାନଙ୍କୁ ଆଶ୍ୱାସନା ଦେଇଥିଲେ ଯେ ଏସବୁ ପରାମର୍ଶଗୁଡ଼ିକ ବିଷୟରେ ଆଗାମୀ ଦିନରେ ନିଷ୍ପତି ନେବା ପ୍ରକ୍ରିୟାରେ ଗୁରୁତ୍ୱର ସହ ବିଚାର କରାଯିବା ଆସନ୍ତା ତିନି ମାସ ମଧ୍ୟରେ ରାଜ୍ୟଗୁଡ଼ିକ ଦ୍ୱାରା ଦିଆଯାଇଥିବା ପରାମର୍ଶର କାର୍ଯ୍ୟକାରୀ ଦିଗ ପ୍ରତି ଧ୍ୟାନ ଦେବା ଲାଗି ସେ ନୀତି ଆୟୋଗକୁ ପରାମର୍ଶ ଦେଇଥିଲେ।

ସେ କହିଥିଲେ ଯେ ନୀତି ଆୟୋଗଙ୍କ ଦ୍ୱାରା ଚିହ୍ନଟ କରାଯାଇଥିବା ୧୧୫ଟି ଅଭିଳାଷୀ ଜିଲ୍ଲା ଭଳି ରାଜ୍ୟଗୁଡ଼ିକ ନିଜସ୍ୱ ସ୍ତରରେ ମୋଟ ବ୍ଲକଗୁଡ଼ିକ ମଧ୍ୟରୁ ୨୦ ପ୍ରତିଶତ ବ୍ଲକକୁ ଅଭିଳାଷୀ ବ୍ଲକ ଭାବେ ଚିହ୍ନଟ କରି ନିଜସ୍ୱ ପରିମାପକ ଧାର୍ଯ୍ୟ କରିବା ଆବଶ୍ୟକ।

ପରିବେଶ ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀମାନଙ୍କ ଦ୍ୱାରା ଉତ୍‌ଥାପନ କରାଯାଇଥିବା ପ୍ରସଙ୍ଗ ବିଷୟରେ ପ୍ରଧାନମନ୍ତ୍ରୀ କହିଥିଲେ ଯେ ସବୁରାଜ୍ୟ ସେମାନଙ୍କ ସରକାରୀ କୋଠା, ସରକାରୀ କାର୍ଯ୍ୟାଳୟ ଏବଂ ଷ୍ଟ୍ରିଟ ଲାଇଟରେ ଏଲଇଡି ବଲ୍‌ବର ଉପଯୋଗ କରିବା ଉଚିତ। ଏହା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ



କାର୍ଯ୍ୟକାରୀ ହେବା ଆବଶ୍ୟକ।

ଜଳ ସଂରକ୍ଷଣ, କୃଷି, ମନରେଗା ଆଦି ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ପରାମର୍ଶର ସେ ପ୍ରଶଂସା କରିଥିଲେ। ଉଭୟ ଫସଲ ବୁଣିବା ଏବଂ କାଟିବା ପର୍ଯ୍ୟାୟ ସମେତ କୃଷି ଏବଂ ମନରେଗା ଆଦି ଦୁଇଟି ବିଷୟରେ ସମନ୍ୱିତ ନୀତି ଓ ଆଭିମୁଖ୍ୟ ଗ୍ରହଣ ସହିତ ଆବଶ୍ୟକ ସୁପାରିସ କରିବା ପାଇଁ ମିଳିତ ଭାବେ କାର୍ଯ୍ୟ କରିବା ଲାଗି ସେ ମଧ୍ୟପ୍ରଦେଶ, ବିହାର, ସିକିମ, ଗୁଜରାଟ, ଉତରପ୍ରଦେଶ, ପଶ୍ଚିମବଙ୍ଗ ଏବଂ ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀମାନଙ୍କୁ ଆହ୍ୱାନ କରିଥିଲେ। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଧାଡ଼ିର ସବା ଶେଷରେ ବସିଥିବା ବ୍ୟକ୍ତିବିଶେଷଙ୍କୁ ଚିହ୍ନଟ କରିବା ଗୁରୁତ୍ୱପୂର୍ଣ୍ଣ, ଯାହାଦ୍ୱାରା ସରକାରୀ ଯୋଜନାର ଲାଭ ସେମାନଙ୍କ ନିକଟରେ ପହଂଚିପାରିବ। ସେହିପରି ସେ କହିଥିଲେ ଯେ ସାମାଜିକ ନ୍ୟାୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶାସନିକ ଲକ୍ଷ୍ୟ। ସେ କହିଥିଲେ ଯେ ଏହି ଉଦାର ଲକ୍ଷ୍ୟ ହାସଲ ପାଇଁ ନିବିଡ଼ ସମନ୍ୱୟ ଏବଂ ନିରନ୍ତର ଅନୁଧ୍ୟାନର ଆବଶ୍ୟକତା ରହିଛି। ଅଗଷ୍ଟ ୧୫, ୨୦୧୮ ସୁଦ୍ଧା ୧୧୫ଟି ଅଭିଳାଷୀ ଜିଲ୍ଲାର ୪୫,୦୦୦ ଅତିରିକ୍ତ ଗ୍ରାମରେ ୭ଟି ଗୁରୁତ୍ୱପୂର୍ଣ୍ଣ ଯୋଜନାର ସାମଗ୍ରୀକ ପ୍ରସାର ଯୋଗାଇ ଦେବା ଲାଗି କେନ୍ଦ୍ର ସରକାରଙ୍କ ପ୍ରତିବଦ୍ଧତାର ସେ ପ୍ରଶଂସା କରିଥିଲେ।

କେନ୍ଦ୍ର ସରକାରଙ୍କ ମାର୍ଗଦର୍ଶୀ ନୀତି 'ସବକା ସାଥ, ସବ୍‌କା ବିକାଶ' ବିଷୟରେ ବିସ୍ତୃତ ଭାବେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଥିଲେ ଯେ କେନ୍ଦ୍ର ସରକାରଙ୍କ ଯୋଜନାଗୁଡ଼ିକ ଆଉ କିଛି ଲୋକ କିମ୍ବା କିଛି ଅଂଚଳରେ ସୀମିତ ହୋଇ ରହିନାହିଁ ଏହା ଏକ ସମାନ୍ତରାଳ ମାର୍ଗରେ ବିନା ବାଛବିଚାରରେ ପ୍ରତ୍ୟେକଙ୍କ ନିକଟରେ ପହଁଚିପାରୁଛି। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶର ସବୁ ଗ୍ରାମକୁ (ପୃଷ୍ଠା-୭)



ଗଛ ଲଗାନ୍ତୁ, ପରିବେଶ ବଞ୍ଚାନ୍ତୁ

WITH BEST COMPLIMENTS FROM A WELL WISHER

74



Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

**Editor - Amit Kumar Mallick**